**ଓଡ଼ିଶା** ଅଧିନିୟମ 1978ର 14

ଓଡ଼ିଶା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ (ଶିକ୍ଷକ ନିଯୁକ୍ତିର ବିଧିମାନ୍ୟକରଣ) ଅଧିନିୟମ 1978

(1978ମେ 5ରେ ରାଜ୍ୟପାଳଙ୍କ ସମ୍ମତିପ୍ରାପ୍ତ। ଓଡ଼ିଶା ଅସାଧାରଣ ଗେଜେଟର 1978 ମେ 11 ସଂସ୍କରଣରେ ପ୍ରକାଶିତ)

ଓଡ଼ିଶା ରାଜ୍ୟରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ କାର୍ଯ୍ୟରତ କେତେକ ଶିକ୍ଷକମାନଙ୍କ ନିଯୁକ୍ତିକୁ ବିଧିମାନ୍ୟ କରିବା ସକାଶେ ଏକ ଅଧିନିୟମ।

ଭାରତ ଏକ ଗଣରାଜ୍ୟର 29 ତମ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନମଣ୍ଡଳୀ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା :--

ସଂକ୍ଷିପ୍ତ ନାମ

1. ଏହି ଅଧିନିୟମଟି ଓଡ଼ିଶା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ (ଶିକ୍ଷକମାନଙ୍କ ନିଯୁକ୍ତିର ବିଧିମାନ୍ୟକରଣ) ଅଧିନିୟମ, 1978 ନାମରେ ଅଭିହିତ ହେବ।

ସଂଜ୍ଞା

2. ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ଅଧିନିୟମରେ–

(କ) 'ଶିକ୍ଷା ଅଧିନୟମ' ଅର୍ଥ  ଓଡ଼ିଶା ଶିକ୍ଷା ଅଧିନିୟମ, 1969;

(ଖ) 'ପରିଚାଳନା କର୍ତ୍ତୃପକ୍ଷ' ଅର୍ଥ ସହାୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନର ଯଥାସ୍ଥିତି ପରିଚାଳନା କମିଟି ବା ନିୟନ୍ତ୍ରକ ନିକାୟ;

(ଗ) 'ଚୟନ ମଣ୍ଡଳୀ' ଅର୍ଥ ଶିକ୍ଷା ଅଧିନିୟମ ଅନୁଯାୟୀ ଗଠିତ ଚୟନ ମଣ୍ଡଳୀ

(ଘ) ଏହି ଅଧିନିୟମରେ ଯେଉଁ ଶବ୍ଦ ଓ ଅଭିବ୍ୟକ୍ତି ବ୍ୟବହାର କରାଯାଇଛି, ମାତ୍ର ଏଠାରେ ତାହାକୁ ସଂଜ୍ଞା କରାଯାଇନାହିଁ, ଶିକ୍ଷା ଅଧିନିୟମ କିମ୍ବା ତାହା ଅଧୀନରେ ପ୍ରଣୀତ ନିୟମାବଳୀ ଓ ବିନିୟମାବଳୀରେ ସେଗୁଡିକରର ଯେଉଁ ଅର୍ଥ ଅଛି, ଯଥାକ୍ରମେ ସେହି ଅର୍ଥ ହେବ।

କେତେକ ନିଯୁକ୍ତିର ବିଧିମାନ୍ୟକରଣ ଓ ଚୟନ ତାଲିକାର ନିରବଚ୍ଛିନ୍ନତା

3. ଶିକ୍ଷା ଅଧିନିୟମ କିମ୍ବା ଏହା ଅଧୀନରେ ଅଧୀନରେ ପ୍ରଣୀତ ନିୟମାବଳୀ ଓ ବିନିୟମାବଳୀରେ ଯାହାକିଛି ଥିବା ସତ୍ତ୍ୱେ,—

(କ) (1) 1975 ଏପ୍ରିଲ 1 ତାରିଖରୁ 1976 ଡିସେମ୍ବର 1ତାରିଖ ଭିତରେ ନିର୍ଦ୍ଦେଶକଙ୍କ ସୁପାରିଶକ୍ରମେ ଓ ସରକାରଙ୍କ ଆଦେଶ ବଳରେ ସହାୟତାପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକର ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିବା ଶିକ୍ଷକମାନଙ୍କ ନିଯୁକ୍ତିର ନିୟମିତକରଣ, ଓ

(2) 1976 ଡିସେମ୍ବର 1 ପୂର୍ବରୁ ଯେଉଁ ହିନ୍ଦୀ ଶିକ୍ଷକମାନେ ସହାୟତାପ୍ରାପ୍ତ ମାଧମିକ ଶିକ୍ଷାନୁଷ୍ଠାନରେ ଚୟନ ସମିତିର ସୁପାରିଶ ସହ ପରିଚଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଯୁକ୍ତି ପାଇଥିବେ ତାହାକୁ ସମସ୍ତ ଅଭିପ୍ରାୟରେ ଓ ଉଦ୍ଦେଶ୍ୟରେ ବିଧିମାନ୍ୟ ଭାବରେ କରାଯାଇଛି ବୋଲି ବିବେଚିତ ହେବ ଏବଂ ସେପରି ନିଯୁକ୍ତି ଶିକ୍ଷା ଅଧିନିୟମ ଓ ତଦଧୀନ ପ୍ରଣୀତ ନିୟମାବଳୀ ଓ ବିନିୟମାବଳୀ ଦ୍ୱାରା ବିହିତ ପ୍ରକ୍ରିୟାରେ ନ ହୋଇ ଅନ୍ୟଥା କରାଯାଇଛି ବୋଲି କେବଳ ମାତ୍ର କାରଣରୁ କୌଣସି ନ୍ୟାୟାଳୟରେ ଆପତ୍ତି କରାଯାଇ ପାରିବ ନାହିଁ ।

(ଖ) ହିନ୍ଦୀ ଶିକ୍ଷକ ନିଯୁକ୍ତି ନେଇ ଚୟନ ମଣ୍ଡଳୀ ଦ୍ୱାରା 1976 ଡିସେମ୍ବର 1 ପୂର୍ବରୁ ସୁପାରିଶ ହାଇଥିବା ତାଲିକା, ଚୟନ ମଣ୍ଡଳୀ ଦ୍ୱାରା ନୂଆ ତାଲିକା ତିଆରି ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ ।